# ତହସିଲ୍ଦାରଙ୍କ କାର୍ଯ୍ୟାଳୟ, ଚକାପାଦ

ବିଜ୍ଞପ୍ତି ସଂଖ୍ୟା ୧୬୪୩ ତା- ୭/୮/୨୦୧୮

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ,ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଚକାପାଦ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ଦୀର୍ଘ ମିଆଦି ଲିଜ୍ ବି.ଦ୍ର- ୫ (ପାଂଚ) ବର୍ଷ ନିମନ୍ତେ ସଂଲଗ୍ନ ବିବରଣୀ ମୁତାବକ ତହସିଲ୍ଦାର, ଚକାପାଦଙ୍କ ଦ୍ୱାରା କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules-2016 ର Form-M ପୁରଣ କରି ଏହାର ୩ (ତିନି) କିତା ନକଲ ସହ ନିମ୍ନ ଲିଖିତ ଦଲିଲ ଦସ୍ତାବିଜ ଜଉମୁଦ ଖୋଳ (Sealed Cover) ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା ୧୮.୦୮.୨୦୧୮ଠାରୁ ୦୩.୦୯.୨୦୧୮ରିଖ ମଧ୍ୟରେ ଅପରାହ୍ନ ୫ ଘଣ୍ଟିକା ପୁର୍ବରୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ବିସର୍ଜନ ଡବା (Drop Box) ରେ ପକାଯିବ । ତାପରଦିନ ତା ୦୪.୦୯.୨୦୧୮ରିଖ ଦିନ ଦିବା ୧୧.୦୦ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୁର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯଦି ସଇରାତ ଉତ୍ସ ପାଇଁ ଆବେଦନ ପତ୍ର ଆଦୌ ମିଳି ନ ଥିବ ତେବେ ଉକ୍ତ ସୈରଆତ ଉତ୍ସ ଦ୍ୱିତୀୟ ଓ ତୃତୀୟ ଦଫା ରେ ଲିଜ ଆବେଦନ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ତା ୧୦.୦୯.୨୦୧୮ ଓ ୧୮.୦୯.୨୦୧୮ ରଖ ୧୨ ଘଣ୍ଟିକା ଅଟେ ଦ୍ୱିତୀୟ ଓ ତୃତୀୟ ଦଫା ରେ ମିଳିଥିବା ସମସ୍ତ ଦରଖାସ୍ତ କୁ ଲିଜ ଲିମନ୍ତେ ଯଥା କ୍ରମେ ୧୧.୦୯.୨୦୧୮ ଏବଂ ୧୯.୦୯.୨୦୧୮ରିଖ ଦିବା ୧୨ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯାଳୟ ପ୍ରକୋଷ୍ଠରେ ଖୋଲାଯିବ । କୌଣସି କାରଣ ନ ଦର୍ଶାଇ ନିଲାମ ସ୍ଥଗିତ ବା ରଦ୍ଦ କରାଇବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହି ଅଛି ।

<u>ଦାଖଲ କରିବାକୁ ଥିବା ଦଲିଲ / ଦସ୍ତାବିଜ-</u>

୧) ଦରଖାସ୍ତ ମହାସୁଲ (Fee) ସକାଶେ ଟ. ୧୦୦୦.୦୦ ଙ୍କା (ଏକହଜାର ଟଙ୍କା) ର ଟ୍ରେଜେରି ଚାଲାଣ ।

୨) ଆବେଦନ କରି ଥିବା ଲିଜ୍ ଜମିର ସଂପୁର୍ଣ୍ଣ ବିବରଣୀ ଏବଂ ନକ୍ସା ।

୩) କୌଣସି Mining ପାଉଣା ବକେୟା ନଥିବା ନେଇ ଏକ ସତ୍ୟପାଠ ।

୪) ଆବେଦନ କରିଥିବା ଜମି ଜଦି ରୟତି ହୋଇଥାଏ, ତେବେ ସେହି ଜମି ମାଲିକଙ୍କର ସହମତି ।

୫) ଆବେଦନକାରୀଙ୍କ Solvency ପ୍ରମାଣ ପତ୍ର, ଅନ୍ୟାନ୍ୟ ସ୍ଥାବର , ଅସ୍ଥାବର ସଂପତିର ବିବରଣୀ ।

୬) ଅନ୍ୟାନ୍ୟ ବିବରଣୀ ଯଥା ବୈଷୟୀକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି ।

୭) GST Clearance Certificate ର ନକଲ ।

<u>ସର୍ତାବଳୀ</u>

୧) ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ନିୟମ ୨୦୧୬ ପରିସର ଭୁକ୍ତ ରହିବେ ।

୨) ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶଗ୍ରହଣ କରିବେ । ଯେଉଁ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକୁ ସରକାରୀ ରାସ୍ତା ନାହିଁ, ସେଥିରେ ଲିଜ୍‌ରେ ନେଇଥିବା ବ୍ୟକ୍ତି ଉତ୍ସ ଗୁଡିକୁ ଗମନା ଗମନର ବ୍ୟବସ୍ଥା ନିଜ ଦାୟୀତ୍ୱରେ କରିବେ ।

୩) ଲିଜ୍‌ରେ ଲଘୁ ଖଣିଜ ଦ୍ରବ୍ୟର ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କତୃପକ୍ଷ ଦାୟୀ ରହିବେ ନାହିଁ । ଏହାର ପରିଚାଳନା ଦାୟୀତ୍ୱ ସଂପୁର୍ଣ୍ଣ ରୂପେ ଲିଜ୍ ଧାରୀଙ୍କର ।

୪) ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫) ବିଜ୍ଞାପନ ଖର୍ଚ ସର୍ବୋଚ୍ଚ ଲିଜ୍‌ଧାରୀମାନେ ଆନୁପାତିକ ଭାବେ ବହନ କରିବେ ।

୬) ସର୍ବୋଚ୍ଚ ନିଲାମଧାରୀ ଦୀର୍ଘ ମିଆଦି ଲିଜ୍ ରୁ ସର୍ତାବଳୀ ଗ୍ରହଣ କରିବାର ଦୁଇ ମାସ ମଧ୍ୟରେ Mining Plan and Environmental Clearance ନିଜ ଖର୍ଚରେ ପେିଠ କରିବେ । ଅନ୍ୟଥା ସେ ପେିଠ କରିଥିବା ଅମାନତ ରାଶି ବାଯ୍ୟାପ୍ତ କରାଯିବ ଏବଂ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବା

ଅ ପୃଦେ ୨

୭) ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଛିତ ଲଘୁଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ଵାରା ଦର୍ଶାଯାଇଥିବା ଏକକ ରୟାଲଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି ପରିବେଶ ମଞ୍ଜୁରୀ (Environmental Clearance) ଆଣି ସାରିଲା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍‌ଧାରୀ Registration Act, 1908 ଏବଂ Stamp Act, 1999 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସଂପାଦନ କରିବେ ।

୮) ଉପରୋକ୍ତ ୭ ନମ୍ବର ପଏଂଟରେ ଧାଯ୍ୟ ହୋଇଥିବା ରୟାଲ୍ଟି ଓ ଅନ୍ୟାନ୍ୟ ସରକାରୀ ଦେୟର ୧୦% ରାଶି ସର୍ବୋଚ୍ଚ ନିଲାମଧାରୀ ସେହି ଦିନ ତତ୍‌କ୍ଷଣାତ୍ ନଗଦ ଟଙ୍କା କିମ୍ବା DD ଆକାରରେ ପୈଠ କରିବେ ଅନ୍ୟଥା ଦ୍ଵିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୯) ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ Mining Plan ଓ ପରିବେଶ ମଞ୍ଜୁରୀ ଦାଖଲ ନ କଲେ ଅମାନତ ବ୍ୟାଜ୍ୟାପ୍ତ କରାଯିବ ।

୧୦) ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟୀତ୍ଵରେ ହାସଲ କରିବେ ।

୧୧) ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମା ରାଶିକୁ ବ୍ୟାଜ୍ୟାପ୍ତ କରିବାର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୧୨) ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ଵାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ଫଳକ (Display Board) ତିଆରିକରି ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସଂପାଦନର ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୧୩) ଉପରୋକ୍ତ ସମସ୍ତ ସର୍ତାବଳୀ ପୂରଣ ହେବାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନପାଇବା ପର୍ଯ୍ୟନ୍ତ କୌଣସି ଲିଜ୍‌ଧାରୀ କୌଣସି ସୈରାତ ଉତ୍ସରୁ ଖଣିଜ ଉଠାଇ ପାରିବେ ନାହିଁ ।

୧୪) ଲିଜ୍ ସମ୍ବନ୍ଧୀୟ ସର୍ତାବଳୀ କାର୍ଯ୍ୟାଳୟରୁ ଛୁଟିଦିନ ବ୍ୟତିତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ତନଖି ପାରିବେ ।

୧୫) ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହାର ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୬) ଜମା ରୟାଲଟିର ୨% (ଦୁଇପ୍ରତିଶତ) ଲିଜ୍‌ଧାରୀ ଆୟକର ବାବଦକୁ ଚାଲାଣ ଆକାରରେ ଜମାକରିବେ ।

୧୭) ଜମା ରୟାଲଟିର ୧୦% ଦଶ ପ୍ରତିଶତ) ଲିଜ୍‌ଧାରୀ ଜିଲ୍ଲା ଚେୟାର ମେନ , ଜିଲ୍ଲା ମିନେରାଲ ଫାଉଣ୍ଡସନ ଫଣ୍ଡ ବାବଦକୁ ଜମାକରିବେ ।

୧୮) ଲିଜର ସମସ୍ତ ସର୍ତାବଳୀ ପାଳନ କରୁଥିବା ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୧୯) ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନନେଲେ ତତ୍ପରବର୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୨୦) ସରକାରୀ ରୟାଲଟି ଧାର୍ଯ୍ୟ ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ ମାନଙ୍କର Form-M ଖାରଜ କରାଯିବ ।

୨୧) କୌଣସି ଆବେଦନକାରୀ / ଲିଜ୍‌ଧାରୀ କୌଣସି ନିୟମ ଖିଲାପ କଲେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସେ ସମ୍ପର୍କରେ ଅନଭିଜ୍ଞ ଥିବାର କୌଣସି ଯୁକ୍ତି କିମ୍ବା ଆବେଦନ ଗ୍ରହଣୀୟ ନୁହେଁ ।

୦୨-୦୪-୧୮
ତହସିଲଦାର, ଚକାପାଦ

ଅ ପୃ ଦେ ୩

**ତହସିଲଦାରଙ୍କ କାର୍ଯ୍ୟାଳୟ, ଚକାପାଦ ୨୦୧୮-୧୯ମସିହା ନିମନ୍ତେ ଉତ୍ସର ବିବରଣୀ**

**ଜମି ଅନୁସୂଚୀ**

| କ୍ର. ନଂ | ମୌଜା | ଉତ୍ସର ନାମ | ସୈରାତ ଉତ୍ସର ନାମ | | | | ସୈରାତ ଉତ୍ସର ପ୍ରକାର | ସର୍ବନିମ୍ନ ଲୟାଲଟି ମୂଲ୍ୟ(କ୍ୟୁ.ମି. ପ୍ରତି) |
|---|---|---|---|---|---|---|---|---|
| | | | ଖାତା ନଂ- | ପ୍ଲଟ ନଂ- | କିସମ | ରକବା (ହେକ୍ଟର) | | |
| ୧ | ଚକାପାଦ | ଚକାପାଦ ପଥର ଖାଦାନ | ୨୫୨ | ୨୦ | ପର୍ବତ | ୧୧.୬୬୦ | ପଥର | ଟ.୧୩୦/- |
| ୨ | ଚକାପାଦ | ଚକାପାଦ ପଥର ଖାଦାନ | ୨୫୨ | ୧୩୩୪ | ପର୍ବତ | ୬.୧୨୦ | ପଥର | ଟ.୧୩୦/- |
| ୩ | ଘୁଡୁକାପଦର | ଘୁଡୁକାପଦର ପଥର ଖାଦାନ | ୧୩୨ | ୨୩୪ | ପଥର ବଣି | ୧.୪୪୫ | ପଥର | ଟ.୧୩୦/- |
| ୪ | ଗିଣ୍ଡିଖୋଲ | ଗିଣ୍ଡିଖୋଲ ପଥର ଖାଦାନ | ୧୦୪ | ୯୭ | ପଥର ବଣି | ୧.୭୩୦ | ପଥର | ଟ.୧୩୦/- |
| ୫ | ଗିଣ୍ଡିଖୋଲ | ଗିଣ୍ଡିଖୋଲ ପଥର ଖାଦାନ | ୧୦୪ | ୧୦୯ | ପଥର ବଣି | ୦.୯୬୦ | ପଥର | ଟ.୧୩୦/- |
| ୬ | ଜଦୁପୁର | ଜଦୁପୁର ବାଲି ଖାଦାନ | ୪୭ | ୩୨ | ନଦୀ | ୩.୮୪୦ | ବାଲି | ଟ.୩୫/- |
| | ଜଦୁପୁର | ଜଦୁପୁର ବାଲି ଖାଦାନ | ୪୭ | ୪୭ | ନଦୀ | ୦.୪୮୫ | ବାଲି | ଟ.୩୫/- |
| | ଜଦୁପୁର | ଜଦୁପୁର ବାଲି ଖାଦାନ | ୪୭ | ୫୨ | ନଦୀ | ୧.୦୦୮ | ବାଲି | ଟ.୩୫/- |
| | ପାଣ୍ଡିସିମା | ପାଣ୍ଡିସିମା ବାଲି ଖାଦାନ | ୧୦୭ | ୪୨ | ନଦୀ | ୦.୧୨୫ | ବାଲି | ଟ.୩୫/- |
| ୭ | ବୁଦୁକାଖୋଲ | ବୁଦୁକାଖୋଲ ପଥର ଖାଦାନ | ୬୧ | ୨୬୧ | ପଥର ବଣି | ୩.୨୦୦ | ପଥର | ଟ.୧୩୦/- |
| ୮ | ବ୍ରାହ୍ମଣପାଦ | ବ୍ରାହ୍ମଣପାଦ ବାଲି ଖାଦାନ | ୩୯୨ | ୩୧୯୫ | ନଦୀ | ୬.୩୬୦ | ବାଲି | ଟ. ୩୫/- |
| | | ବ୍ରାହ୍ମଣପାଦ ବାଲି ଖାଦାନ | | ୧୬୪୯ | ନଦୀ | ୦.୯୦୫ | ବାଲି | ଟ.୩୫/- |
| | | | | | | | | |

Bebera
07-06-18
ତହସିଲଦାର, ଚକାପାଦ

ଅ ପୃଦେ ୪

ଜ୍ଞାପକ ସଂଖ୍ୟା ୧୬୪୪ ତା ୭/୮/୨୦୧୮

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧୀକାରୀ,ଚକାପାଦ/ ଥାନା ଭାର ପ୍ରାପ୍ତ ଅଧୀକାରୀ, ଚକାପାଦ/ଥାନା ଭାର ପ୍ରାପ୍ତ ଅଧୀକାରୀ, ଟିକାବାଲି/ ତହସିଲଦାର, ଟିକାବାଲି/ ତହସିଲଦାର, ଉଦୟଗିରୀ/ ତହସିଲଦାର, ରାଇକିଆ/ ତହସିଲଦାର, କ.ନୂଆ ଗାଁ/ ତହସିଲଦାର,ବାଲିଗୁଡ଼ା/ ତହସିଲଦାର,ଦାରିଂବାଡ଼ି/ ତହସିଲଦାର,ତୁମୁଡ଼ିବଂଧ/ / ତହସିଲଦାର, କୋଟ ଗଡଂକୁ ପ୍ରେରଣ କରାଯାଇ ବହୁଳ ପ୍ରଚାର ନିମନ୍ତେ କାର୍ଯ୍ୟାଳୟର ବିଜ୍ଞାପନ ଫଳକ ରେ ଟଂଗାଇବାକୁ ଅନୁରୋଧ କରାଗଲା ।

Behera 07-08-18
ତହସିଲଦାର, ଚକାପାଦ

ଜ୍ଞାପକ ସଂଖ୍ୟା ୧୬୪୫ ତା ୭/୮/୨୦୧୮

ଏହାର ଏକକିତା ନକଲ ସରପଂଚ,ଚାହାଲି/ ସରପଂଚ,ପସରା/ ସରପଂଚ,ଚକାପାଦ/ ସରପଂଚ,ବ୍ରାହ୍ମଣ ପାଦ/ ସରପଂଚ,କଖାରିଝୋଲା/ ସରପଂଚ,ବେହେରା ଗାଁ/ ସରପଂଚ, ବପଲ ମେଂଡ଼ି-ବି/ ସରପଂଚ, ଆରାବାକା/ ସରପଂଚ, ଶଂକରାଖୋଲ/ ସରପଂଚ, ବପଲ ମେଂଡ଼ି-ଏଲ/ ସରପଂଚ,କୁସୁମେଂଡ଼ିଂକୁ ପ୍ରେରଣ କରାଯାଇ ବହୁଳ ପ୍ରଚାର ନିମନ୍ତେ କାର୍ଯ୍ୟାଳୟର ବିଜ୍ଞାପନ ଫଳକ ରେ ଟଂଗାଇବାକୁ ଅନୁରୋଧ କରାଗଲା ।

Behera 07-08-18
ତହସିଲଦାର, ଚକାପାଦ

ଜ୍ଞାପକ ସଂଖ୍ୟା ୧୬୪୬ ତା ୭/୮/୨୦୧୮

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ପରିଦର୍ଶକ, ଚକାପାଦଂକ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

Behera 07-08-18
ତହସିଲଦାର, ଚକାପାଦ

ଜ୍ଞାପକ ସଂଖ୍ୟା ୧୬୪୭ ତା ୭/୮/୨୦୧୮

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ବାଲିଗୁଡ଼ା/ ଉପଜିଲ୍ଲାପାଳ,ଫୁଲବାଣୀଂକ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Behera 07-08-18
ତହସିଲଦାର, ଚକାପାଦ

ଜ୍ଞାପକ ସଂଖ୍ୟା ୧୬୪୮ ତା ୭/୮/୨୦୧୮

ଏହାର ଏକକିତା ନକଲ ଜିଲ୍ଲାପାଳ,କଂଧମାଳ/ଅତିରିକ୍ତ ଜିଲ୍ଲାପାଳ,କଂଧମାଳଂକ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Behera 07-08-18
ତହସିଲଦାର, ଚକାପାଦ

ଜ୍ଞାପକ ସଂଖ୍ୟା ୧୬୪୯ ତା ୭/୮/୨୦୧୮

ଏହାର ଏକକିତା ନକଲ DIO,NIC,Kandhamal କୁ www.kandhamal.nic.in ରେ ସର୍ବସାଧାରଣଂକ ଅବଗତି ନିମନ୍ତେ ଅପ୍ ଲୋଡ଼ କରି ପ୍ରସାର କରିବା ପାଇଁ ଅନୁରୋଧ ପୂର୍ବକ ପ୍ରେରଣ କରାଗଲା ।

Behera 07-08-18
ତହସିଲଦାର, ଚକାପାଦ

ଜ୍ଞାପକ ସଂଖ୍ୟା ୧୬୫୦ ତା ୭/୮/୨୦୧୮

ଏହାର ଏକକିତା ନକଲ ଅତ୍ର କାର୍ଯ୍ୟାଳୟର ବିଜ୍ଞାପନ ଫଳକ ରେ ସର୍ବସାଧାରଣଂକ ଅବଗତି ନିମନ୍ତେ ଲଟକାଇ ଦିଆ ଗଲା ।

Behera 07-08-18
ତହସିଲଦାର, ଚକାପାଦ

GOVERNMENT OF ORISSA

**OFFICE OF THE TAHASILDAR, CHAKAPAD, KANDHAMAL**

Ph.No:06847-266860

E-mail-ID-tdrckpd@gmail.com

No. 1961 /Dated. 7/8/2018

To

The Deputy Director,
Publication-Cum- Deputy Secretary
Information & Public Relation Deptt.
Odisha, Bhubaneswar

Sub:- Publication of auction sale Notice.

Sir,

In inviting a reference to the above cited subject, I am to send herewith a notice of lease of Sairat Sources in Odia Language for wide publication on two consecutive dates in the local daily News paper viz The SAMBAD and the SAMAJ.

Encl:- As above.

Yours faithfully,

Behera
07-08-18

Tahasildar, Chakapad

MemoNo. 1962 /Dated. 7/8/2018

Copy submitted to the Collector, Kandhamal,/Sub-Collector, Baliguda for favour of kind information and necessary action.

Behera
07-08-18

Tahasildar, Chakapad.

# ତହସିଲ୍‌ଦାରଙ୍କ କାର୍ଯ୍ୟାଳୟ, ଚକାପାଦ

ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର

ପତ୍ର ସଂଖ୍ୟା ୧୯୬୮ ତା- ୦୭-୦୮-. ୨୦୧୮

## ବିଜ୍ଞାପନ

ଏତତ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ,କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଚକାପାଦ ତହସିଲ୍ ଅଧୀନରେ ଥିବା ନିମ୍ନୋକ୍ତ ସୈରାତ ଉତ୍ସ ଗୁଡିକୁ ଆଗାମି ୫(ପାଂଚ) ବର୍ଷ ନିମନ୍ତେ ୨୦୧୮-୧୯ଠାରୁ - ୨୦୨୨ -୨୩ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ୍ ସୁତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଚକାପାଦ ୨୦୧୮-୧୯ ମସିହା ନିମନ୍ତେ ଉତ୍ସର ବିବରଣୀ**

| କ୍ର.ନଂ | ମୌଜା | ଉତ୍ସର ନାମ | ସୈରାତ ଉତ୍ସର ନାମ | | | | ସୈରାତ ଉତ୍ସର ପ୍ରକାର | ସର୍ବନିମ୍ନ ରୟାଲଟି ମୂଲ୍ୟ(କ୍ୟୁ.ମି.ପ୍ରତି) |
|---|---|---|---|---|---|---|---|---|
| | | | ଖାତା ନଂ- | ପ୍ଲଟ ନଂ- | କିସମ | ରକବା (ହେକ୍ଟର) | | |
| ୧ | ଚକାପାଦ | ଚକାପାଦ ପଥର ଖାଦାନ | ୨୫୨ | ୨୦ | ପର୍ବତ | ୧୧.୭୬୦ | ପଥର | ଟ.୧୩୦/- |
| ୨ | ଚକାପାଦ | ଚକାପାଦ ପଥର ଖାଦାନ | ୨୫୨ | ୧୩୩୪ | ପର୍ବତ | ୭.୧୨୦ | ପଥର | ଟ.୧୩୦/- |
| ୩ | ଘୁଡୁକାପଦର | ଘୁଡୁକାପଦର ପଥର ଖାଦାନ | ୧୩୨ | ୨୩୪ | ପଥର ବଣି | ୧.୪୪୫ | ପଥର | ଟ.୧୩୦/- |
| ୪ | ଗିସ୍ତିଖୋଲ | ଗିସ୍ତିଖୋଲ ପଥର ଖାଦାନ | ୧୦୪ | ୯୭ | ପଥର ବଣି | ୧.୭୩୦ | ପଥର | ଟ.୧୩୦/- |
| ୫ | ଗିସ୍ତିଖୋଲ | ଗିସ୍ତିଖୋଲ ପଥର ଖାଦାନ | ୧୦୪ | ୧୦୯ | ପଥର ବଣି | ୦.୯୬୦ | ପଥର | ଟ.୧୩୦/- |
| ୬ | ଜଦୁପୁର | ଜଦୁପୁର ବାଲି ଖାଦାନ | ୪୭ | ୩୨ | ନଦୀ | ୩.୮୪୦ | ବାଲି | ଟ.୩୫/- |
| | ଜଦୁପୁର | ଜଦୁପୁର ବାଲି ଖାଦାନ | ୪୭ | ୪୭ | ନଦୀ | ୦.୪୮୫ | ବାଲି | ଟ.୩୫/- |
| | ଜଦୁପୁର | ଜଦୁପୁର ବାଲି ଖାଦାନ | ୪୭ | ୫୨ | ନଦୀ | ୧.୦୦୮ | ବାଲି | ଟ.୩୫/- |
| | ପାଣ୍ଡ୍ରିସିମା | ପାଣ୍ଡ୍ରିସିମା ବାଲି ଖାଦାନ | ୧୦୭ | ୪୨ | ନଦୀ | ୦.୧୨୫ | ବାଲି | ଟ.୩୫/- |
| ୭ | ବୁଦୁକାଖୋଲ | ବୁଦୁକାଖୋଲ ପଥର ଖାଦାନ | ୬୧ | ୨୬୧ | ପଥର ବଣି | ୩.୨୦୦ | ପଥର | ଟ.୧୩୦/- |
| ୮ | ବ୍ରାହ୍ମଣପାଦ | ବ୍ରାହ୍ମଣପାଦ ବାଲି ଖାଦାନ | ୩୯୨ | ୩୧୯୫ | ନଦୀ | ୭.୩୬୦ | ବାଲି | ଟ. ୩୫/- |
| | | ବ୍ରାହ୍ମଣପାଦ ବାଲି ଖାଦାନ | | ୧୬୪୯ | ନଦୀ | ୦.୯୦୫ | ବାଲି | ଟ.୩୫/- |

ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥା ସଇରାତ ଉତ୍ସର ପ୍ରକାର,ମୌଜାର ନାମ,ପ୍ଲଟ ନଂ,ରକବା,ଆପାତତଃ ସ୍ଥିରୀକୃତ ମୂଲ୍ୟ ଏବଂ ଦରଖାସ୍ତ ଗ୍ରହଣର ସମୟ ସୀମା ସର୍ତାବଳୀ ଇତ୍ୟାଦି ସୂଚନା କଂଧମାଳ ୱେବ ସାଇଟ http://kandhamal.nic.in ଅଧୀନ ରେ ଉପଲବ୍ଧ ହେବ ଓ ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନୀୟମାବଳୀ ଜାଣିବା ପାଇଁ ଇଛୁକ ବ୍ୟକ୍ତି ସଂପୃକ୍ତ ତହସିଲଦାରଂକ କାର୍ୟ୍ୟାଳୟ ସହ ଯେ କୌଣସି କାର୍ୟ୍ୟ ଦିବସ ରେ ଯୋଗାଯୋଗ କରିପାରନ୍ତି ।

Behera
07-08-18

ତହସିଲଦାର,ଚକାପାଦ